# ପୌରପରିଷଦ କାର୍ଯ୍ୟାଳୟ ପାରଳାଖେମୁଣ୍ଡି ଗଜପତି

ପତ୍ର ସଂ. ୧୨୬୦ ତା.୨୦.୦୫.୨୦୨୩ ରିଖ

## ବିଜ୍ଞାପନ

ଏତଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଚଳିତ ବର୍ଷ ଅର୍ଥାତ ୨୦୨୩ ମସିହା ରଥଯାତ୍ରା ଉପଲକ୍ଷେ ପରିଷଦ ଅଞ୍ଚଳରେ (ଗୁଣ୍ଡିଚାବାଡି ବ୍ୟତୀତ) ଦୋକାନ ବଜାର ଇତ୍ୟାଦି ପକାଇ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ଠାରୁ ମହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି । ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ତା. ୨୩.୦୫.୨୦୨୩ ଠାରୁ ୦୨.୦୬.୨୦୨୩ ଅପରାହ୍ନ ଘ. ୧.୦୦ ଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରୁ କ୍ରୟକରି ପାରିବେ ଏବଂ ତା. ୦୩.୦୬.୨୦୨୩ ଦିବା ୧୧.୦୦ ଘଣ୍ଟା ସୁଦ୍ଧା (Speed Post / Register Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରି ଅଟେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ଏବଂ ଦିନ ତା. ୦୫.୦୬.୨୦୨୩ ଦିବା ୧୧.୦୦ ଘଣ୍ଟା ସମୟରେ ଟେଣ୍ଡରରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ । ଇଚ୍ଛୁକ ଥିବା ବ୍ୟକ୍ତି ଅମାନତ ରାଶି ଟ.୫୦,୦୦୦/-ଙ୍କାର ବ୍ୟାଙ୍କ ଡ୍ରାଫଟ୍ ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡିଙ୍କ ନାମରେ ଟେଣ୍ଡର ପେପର ସହ ଦାଖଲ କରିବେ ନଚେତ ଉକ୍ତ ଟେଣ୍ଡର ବିଚାରକୁ ନିଆଯିବ ନାହିଁ। ଅସଫଳ ନିଲାମଧାରୀ ଜମା କରିଥିବା ବ୍ୟାଙ୍କ ଡ୍ରାଫଟ ଫେରସ୍ତ ଦିଆଯିବ । ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତି ତତକାଳ ବକେୟା ଅର୍ଥ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ । ଯଦି ସମ୍ପୁର୍ଣ୍ଣ ରାଶି ପୈଠ କରିପାରିବେ ନାହିଁ ତେବେ ତାଙ୍କର ଟେଣ୍ଡର ପେପର ସହିତ ଅମାନତ ରାଶି ହରାଇବେ ଏବଂ ପରବର୍ତ୍ତୀ ଟେଣ୍ଡରଧାରୀଙ୍କ ଟେଣ୍ଡର ବିଚାରକୁ ନିଆଯିବ । ସର୍ବୋଚ୍ଚ ଟେଣ୍ଡର ଡାକିଥିବା ବ୍ୟକ୍ତି ତା. ୨୦.୦୬.୨୦୨୩ ଠାରୁ ୦୩.୦୭.୨୦୨୩ରିଖ ପର୍ଯ୍ୟନ୍ତ ମହାସୁଲ ଆଦାୟ କରିବା ପାଇଁ ଆଦେଶ ଦିଆଯିବ ।

ଟେଣ୍ଡର ସିଦ୍ଧ କରିବା ପୌରପରିଷଦ କର୍ତୃପକ୍ଷଙ୍କ ଅର୍ନ୍ତଭୁକ୍ତ ଅଟେ । କୌଣସି କାରଣ ନଥାଇ ଯେଉଁ ସମୟରେ ମଧ୍ୟ ତାଙ୍କର ଟେଣ୍ଡର କର୍ତୃପକ୍ଷ ରଦ୍ଦ କରିପାରିବେ । ଏହାକୁ ପ୍ରତିବାଦକରି କୌଣସି ବ୍ୟକ୍ତି କୌଣସି ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ ।

ପ୍ରକାଶ ଥାଉକି ରାଜଦାଣ୍ଡ ରାସ୍ତାରେ କୌଣସି ଉଠାଦୋକାନୀ ରାସ୍ତାକୁ ଗାତ ଖୋଳି କୌଣସି କ୍ଷତି କରିବେ ନାହିଁ । ଏହା ଅମାନ୍ୟ କଲେ ପୌରପରିଷଦ ତରଫରୁ ସମ୍ପୃକ୍ତ ଉଠାଦୋକାନିକୁ ହଠାଇ ଦିଆଯିବ ଏହି ସମ୍ପର୍କିତ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

ସରକାରୀ ଟେଣ୍ଡର ଡାକ - ଟଙ୍କା ୯,୯୬,୧୧୦/-

ରଥଯାତ୍ରାରେ ମହସୁଲ ଆଦାୟ ଫର୍ମର ମୂଲ୍ୟ - ଟ. ୧,୦୦୦.୦୦ଙ୍କା

ଅମାନତ ରାଶି ୫୦,୦୦୦/-

## ମହାସୁଲ ସଂଗ୍ରହ ଚାର୍ଟ

୧. ନଡିଆ, କଦଳି, ଫୁଲ, ବେଲୁନ ଇତ୍ୟାଦି ଦିନକୁ - ୨୫/-

୨. ଚଣା, ଖଜରା, ମିଠା ଇତ୍ୟାଦି ଦିନକୁ - ୫୦/-

୩. ପ୍ଲେଟ, କପ, ଘର ବ୍ୟବହାର ହେଉଥିବା ଜିନିଷ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ ଦୋକାନ ପାଇଁ -୨୦୦/-

୪. ଖାଦ୍ୟ ଜିନିଷ ତଥା - ଚାଟ, ଆଇସ୍କ୍ରିମ ଇତ୍ୟାଦିକୁ ଦିନ ପିଛା ଛୋଟ ଦୋକାନ ପାଇଁ ୧୦୦/- ଏବଂ ବଡ ଦୋକାନ ପାଇଁ - ୨୦୦/-

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି